**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**18 August - 2024**

**News Editor : *Itishree Singh Rathaur***

# ଉତ୍ତର ଓଡିଶା ବିକାଶ ପରିଷଦ ବୈଠକ

ଉତ୍ତର ଓଡିଶା ବିକାଶ ପରିଷଦର ବୈଠକ ଗତକାଲି ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉତ୍ତର ଓଡିଶାର ସାମଗ୍ରିକ ବିକାଶ ନିମନ୍ତେ ଏକ ଟାସ୍କ ଫୋର୍ସ ଗଠନ କରିବା ପାଇଁ ଆଲୋଚନା ହୋଇଥିଲା । ଚଳିତମାସ ଶେଷ ସୁଦ୍ଧା ଏକ ଚିଠା ଉପସ୍ଥାପନ କରିବା ପାଇଁ ଯୋଜନା ଓ ସଂଯୋଜନା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ  ଉଚ୍ଚଶିକ୍ଷା ମନ୍ତ୍ରୀ, ବିଧାନସଭା  ଉପ ମୁଖ୍ୟ ସଚେତକ, କେନ୍ଦୁଝର ସାଂସଦଙ୍କ ସମେତ କରଞ୍ଜିଆ, ଚମ୍ପୁଆ, ତେଲେକୋଇ, ବାସୁଦେବପୁର ବିଧାୟକମାନେ ଉପସ୍ଥିତ ଥିଲେ ।

# ରାସନକାର୍ଡ-ଗହମ

ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରାସନକାର୍ଡ ହିତାଧିକାରୀମାନଙ୍କୁ ପ୍ରତ୍ୟେକ ମାସରେ ୪କିଲୋଗ୍ରାମ ଚାଉଳ ସହିତ  ଏକ କିଲୋଗ୍ରାମ ଗହମ ଦିଆଯିବ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଲୋକମାନଙ୍କର ଗହମ ଚାହିଦାକୁ ଦୃଷ୍ଟିରେ ରଖି ହିତାଧିକାରୀମାନଙ୍କୁ ଗହମ ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି ଶ୍ରୀ ପାତ୍ର କହିଛନ୍ତି ।

## ରେଳପଥ ସଂଯୋଗୀକରଣ

ଖୋର୍ଦ୍ଧାରୋଡ-ବଲାଙ୍ଗୀରରେ ରେଳଲାଇନ ପ୍ରକଳ୍ପର ମୋଟ ୩୦୧ କିଲୋମିଟର ମଧ୍ୟରୁ ୧୮୩କିଲୋମିଟର ରେଳଲାଇନ କାର୍ଯ୍ୟକ୍ଷମ ହୋଇପାରିଛି । ଖୋର୍ଦ୍ଧାରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କିଲୋମିଟର ଏବଂ ବଲାଙ୍ଗୀରରୁ ଝାରମୁଣ୍ଡା ପର୍ଯ୍ୟନ୍ତ ୭୭ କିଲୋମିଟର ରେଳଲାଇନର କାମ ଶେଷ ହୋଇଛି । ଝାରମୁଣ୍ଡାଠାରୁ ବୌଦ୍ଧ ପର୍ଯ୍ୟନ୍ତ ପାଖାପାଖି ସାଢେ ୧୬କିଲୋମିଟର ଦୀର୍ଘ ରେଳମାର୍ଗର ନିର୍ମାଣ କାର୍ଯ୍ୟ ମଧ୍ୟ ଶେଷ ହୋଇଛି । ଝାରମୁଣ୍ଡା-ବୌଦ୍ଧ ରେଳ ଲାଇନରେ ଗତକାଲି ସଫଳତା ସହିତ ରେଳ ଇଞ୍ଜିନ ଟ୍ରାଏଲ ରନ୍ କରାଯାଇଥିଲା । ଆସନ୍ତା କିଛି ଦିନ ମଧ୍ୟରେ ଏହି ରେଳରାସ୍ତାରେ ଟ୍ରେନ ଚଳାଚଳ କରିବ ଏବଂ ବୌଦ୍ଧ ଜିଲ୍ଲା ମୁଖ୍ୟାଳୟ ରେଳମାନଚିତ୍ରରେ ସାମିଲ ହେବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ମିଳିଛି ।

## ଅସିତ ତ୍ରିପାଠୀ

ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ପଦରୁ ଅସିତ  ତ୍ରିପାଠୀ ଇସ୍ତଫା ଦେଇଛନ୍ତି । ଇସ୍ତଫାପତ୍ରକୁ ରାଜ୍ୟ ସରକାର ଗ୍ରହଣ କରିଥିବା ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି । ପୂର୍ବତନ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀଙ୍କୁ ୨୦୨୦ ମସିହାରେ ତତ୍କାଳୀନ ସରକାର ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ପଦରେ ନିଯୁକ୍ତି ଦେଇଥିଲେ ।

# ବଜ୍ରପାତ ମୃତ୍ୟୁ

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗତକାଲି ବଜ୍ରପାତ ଯୋଗୁଁ ୧୨ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୨ଜଣ ବଜ୍ରପାତ ଯୋଗୁଁ ଆହତ ହୋଇଛନ୍ତି । ମୟୂରଭଞ୍ଜ, ଗଞ୍ଜାମ, ଯାଜପୁର, ବରଗଡ, କେନ୍ଦ୍ରାପଡା ସମେତ ୯ଟି ଜିଲ୍ଲାରେ ଘଟିଥିବା ବଜ୍ରପାତ ଘଟଣାରେ ମୃତ ବ୍ୟକ୍ତିଙ୍କ ପରିବାରକଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ସହାୟତା ରାଶି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଘୋଷଣା କରିଛନ୍ତି । ଆହତମାନଙ୍କୁ ମାଗଣାରେ ଚିକିତ୍ସା କରାଯିବା ନେଇ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# ବିଧାୟକଙ୍କ ପ୍ରଶିକ୍ଷଣ ଶିବିର

ରାଜ୍ୟ ବିଧାନସଭାର ନବନିର୍ବାଚିତ ବିଧାୟକମାନଙ୍କର ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିନରେ ଆଜି ରାଜ୍ୟସଭାର ଉପାଧ୍ୟକ୍ଷ ଶ୍ରୀ ହରିବଂଶ ଏବଂ କଟକ ସାଂସଦ ଭର୍ତ୍ତୃହରି ମହତାବ ଗଣତନ୍ତ୍ରରେ ଗୃହର କାର୍ଯ୍ୟକାରିତା ନେଇ ବିଧାୟକମାନଙ୍କୁ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଛି । ବିଧାୟକମାନଙ୍କୁ ବିଧାନସଭାର କାର୍ଯ୍ୟକଳାପ ସହିତ ଗୃହର ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗ ନେବା ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଉଛି । କେନ୍ଦ୍ର ସଂସଦୀୟ ବ୍ୟପାର ମନ୍ତ୍ରୀ କିରଣ ରିଜିଜୁ ଗତକାଲି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ବିଧାୟକମାନଙ୍କର ଶୃଙ୍ଖଳିତ ଆଚରଣ, ଉଚ୍ଚାରଣ ଏବଂ ଉତ୍ତମ କାର୍ଯ୍ୟଶୈଳୀ ଗଣତାନ୍ତ୍ରିକ ପରମ୍ପରାକୁ ସୁଦୃଢ଼ କରିଥାଏ। ନବ ନିର୍ବାଚିତ ବିଧାୟକମାନଙ୍କ ପ୍ରଶିକ୍ଷଣ ଶିବିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାକୁ ବିକଶିତ ଭାରତ ବର୍ଷରେ ଏକ ଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ବିଧାୟକମାନଙ୍କୁ ଆହ୍ୱାନ ଦେଇଛନ୍ତି। ସୂଚନା ଅନୁସାରେ, ସପ୍ତଦଶ ବିଧାନସଭାରେ ୮୪ ଜଣ ନୂଆ ବିଧାୟକ ନିର୍ବାଚିତ ହୋଇଛନ୍ତି।

ବିଜେପିରୁ ସର୍ବାଧିକ ୫୪ ଜଣ ନବାଗତ ବିଧାୟକ ଥିବା ବେଳେ ବିଜେଡ଼ିରୁ ୧୮, କଂଗ୍ରେସରୁ ୯ ଓ ୩ ଜଣ ସ୍ୱାଧୀନ ନବନିର୍ବାଚିତ ବିଧାୟକ ଅଛନ୍ତି ।

# ଝିଙ୍ଗିଆ ଓରାମଙ୍କ ପରଲୋକ

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ  ଜୁଏଲ ଓରାମଙ୍କର ପତ୍ନୀ ଝିଙ୍ଗିଆ ଓରାମଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ଓରାମଙ୍କ ଭୁବନେଶ୍ୱର ବାସଭବନଠାରେ ପହଞ୍ଚି ସ୍ୱର୍ଗତ ଝିଙ୍ଗିଆ ଓରାମଙ୍କ ଶେଷ ଦର୍ଶନ କରିଥିଲେ ।  ଝିଙ୍ଗିଆ ଓରାମଙ୍କର ୫୭ବର୍ଷ ବୟସରେ ଗତକାଲି ଭୁବନେଶ୍ୱରର ଏକ ଡାକ୍ତରଖାନାରେ ପରଲୋକ ଘଟିଥିଲା ।

## ଶ୍ରୀମନ୍ଦିର- ଗହ୍ମା ପୂର୍ଣ୍ଣିମା

ଗହ୍ମା ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ଭଉଣୀ ଶୁଭଦ୍ରା ତାଙ୍କର ଦୁଇ ଭାଇ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କୁ ରାକ୍ଷୀ ପିନ୍ଧାଇବେ। ଆସନ୍ତା କାଲି ଶ୍ରୀମନ୍ଦିରରେ ଏହି ନୀତି ପାଳନ କରାଯିବ। ଏଥିନିମନ୍ତେ ଚିତାଲାଗି ଅମାବାସ୍ୟା ପରଠାରୁ ଦୋଳମଣ୍ଡପ ସାହି ସ୍ଥିତ ପାଟରା ବିଷୋୟୀ ସେବକ ସନ୍ତୋଷ ପାତ୍ର ଓ ତାଙ୍କ ପୁତ୍ର ପ୍ରଶାନ୍ତ କୁମାର ପାତ୍ର ରାକ୍ଷୀ ପ୍ରସ୍ତୁତ କରୁଛନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁ ଦୁଇଟି ରାକ୍ଷୀ ଏବଂ ବଡଭାଇ ଶ୍ରୀବଳଭଦ୍ର ଦୁଇ ହାତରେ ଦୁଇଟି ଲେଖାଏଁ ରାକ୍ଷୀ ପିନ୍ଧିବେ। ହାତରେ ଦୁଇଟି ଗୁଆମାଳ ମଧ୍ୟ ପରିଧାନ କରିବାର ପରମ୍ପରା ରହିଛି। ବାସୁଙ୍ଗା ପାଟରେ ପ୍ରାକୃତିକ ରଙ୍ଗ ହଳଦିଆ, ନୀଳ ଓ ବାଇଗଣି ରଙ୍ଗରେ ଏହି ରାକ୍ଷୀ ପ୍ରସ୍ତୁତ କରାଯାଉଛି।

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ମୟୂରଭଞ୍ଜ, କେନ୍ଦୁଝର ସୁନ୍ଦରଗଡ, ଦେବଗଡ, ସମ୍ବଲପୁର ଓ ଝାରସୁଗୁଡା ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ସୂଚନା ଦେଇଛି ।